# Jaladhara



## ଜଳଧାରା କାହିଁକି ?

- ଚଳିତ ସହସ୍ରାବ୍ଦର ୨୦୧୫ ମସିହା ସୁଦ୍ଧା ସମସ୍ତଙ୍କ ପାଖରେ ଜଳ, ପରିମଳ ଓ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥା ପହଞ୍ଚାଇବା।
- ଉନ୍ନତ ତଥା ନିରାପଦ ଜଳ ଯୋଗାଣ ବ୍ୟବସ୍ଥା ଗ୍ରାମୀଣ ମହିଳାମାନଙ୍କର ଘରୋଇ କାର୍ଯ୍ୟ ଭାର ଲାଘବ କରିବା ସହ ପରିବାରରେ ଜଳବାହିତ ରୋଗ ପ୍ରସାରର ଆଶଙ୍କା ଦୂର କରିଥାଏ।
- ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ୯୮ ପ୍ରତିଶତରୁ ଅଧିକ ବସତି/ ବାସସ୍ଥଳୀରେ ନଳକୂପ ତଥା ପରିମଳ କୂପ ଜଳଯୋଗାଣ ବ୍ୟବସ୍ଥା ରହିଛି।
- କୌଣସି ଏକ ନିର୍ଦ୍ଦିଷ୍ଟ ସମୟରେ ୨,୪୫,୦୦୦ ନଳକୂପରୁ ଅତି କମ୍‌ରେ ୨୫,୦୦୦ ନଳକୂପ ଅଚଳ ରହିଥାଏ।
- ୧୯୯୯ ମସିହାର ବ୍ୟାପକ କାର୍ଯ୍ୟକ୍ରମ ଯୋଜନା ଅଧୀନରେ ଆମ ରାଜ୍ୟର ସମସ୍ତ ଅଞ୍ଚଳରେ ଶତ ପ୍ରତିଶତ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି।
- ପ୍ରକୃତରେ କହିବାକୁ ଗଲେ ଅଧିକ ସଂଖ୍ୟକ ନଳକୂପ ନିର୍ମାଣ ଜଳଯୋଗାଣ ବ୍ୟବସ୍ଥାକୁ ବଜାୟ ରଖିବାର ସମାଧାନ ନୁହେଁ।





## ସଂଯୋଗ : ଉନ୍ନୟନ ପାଇଁ ସମନ୍ୱିତ ଉଦ୍ୟମ

- ବର୍ତ୍ତମାନର ପାଇପ ଜଳଯୋଗାଣ ବ୍ୟବସ୍ଥା ...
  - ସମୁଦାୟ ୧୨୫୦ ପାଇପ ଜଳ ଯୋଗାଣ ବ୍ୟବସ୍ଥାରୁ, ୧୧୩୯ଟି ଗ୍ରାମ ପଞ୍ଚାୟତମାନଙ୍କ ଦ୍ୱାରା ପରିଚାଳିତ ଓ କାର୍ଯ୍ୟକାରୀ ହେଉଛି।
  - ଶକ୍ତି ଯୋଗାଣ କ୍ଷେତ୍ରରେ ଓଡ଼ିଶା ଏକ ବଳକା ରାଜ୍ୟ ହୋଇଥିବାରୁ ଏବଂ ବିଦ୍ୟୁତ ଦେୟ ଦ୍ୱାଦଶ ଅର୍ଥ କମିଶନଙ୍କ ଅନୁଦାନରୁ ପ୍ରଦାନ କରାଯାଉଥିବାରୁ ଅର୍ଥର ଅଭାବ ନାହିଁ।
  - ପରିଚାଳନା ଓ ରକ୍ଷଣାବେକ୍ଷଣ : କର୍ମଚାରୀ, ମରାମତି ଏବଂ ଅନ୍ୟାନ୍ୟ ନିୟମିତ ଆନୁସଙ୍ଗିକ ଖର୍ଚ୍ଚ ପଞ୍ଚାୟତିରାଜ ସଂସ୍ଥାରୁ ଦିଆଯାଉଛି।
  - ଅତି କମ୍‌ରେ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ ଅବିରତ ଜଳଯୋଗାଣ ବ୍ୟବସ୍ଥା ନ ରହିଲେ ସମ୍ପୂର୍ଣ୍ଣ ପରିମଳ ଲକ୍ଷ୍ୟ ହାସଲ କରିହେବ ନାହିଁ।
  - ମିଶନ ଶକ୍ତିର ସଫଳତା ଦୃଷ୍ଟିରୁ ଏହା ନାରୀମାନଙ୍କ ପାଇଁ ଅଭିପ୍ରେତ ଏକ ସମ୍ବେଦନଶୀଳ କାର୍ଯ୍ୟକ୍ରମ।
- ଫଳାଫଳ
  - ଆସନ୍ତା ତିନିବର୍ଷ ମଧ୍ୟରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ସବୁଠୁ ବଡ଼ ଗାଁରେ ଅତି କମ୍‌ରେ ଗୋଟିଏ ପାଇପ୍ ଜଳଯୋଗାଣର ବ୍ୟବସ୍ଥା।
  - ପ୍ରତି ବ୍ଲକ୍‌ରେ ନିଶ୍ଚିତ ଭାବରେ ଏକରୁ ଅଧିକ ଗ୍ରାମକୁ ନେଇ ତିନିଟିରୁ ପାଞ୍ଚଟି ପାଇପ ଜଳ ଯୋଗାଣ ବ୍ୟବସ୍ଥା।
  - ଅତି କମ୍‌ରେ ତ୍ୱରାନ୍ୱିତ ଗ୍ରାମୀଣ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକ୍ରମରେ ଏକ ହଜାର ଏବଂ ପଞ୍ଚାୟତି ରାଜ ଅନୁଦାନରୁ ପାଞ୍ଚଶହଟି ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା।
- ଅକ୍ଟୋବର ୨୦୦୭ ମସିହା ସୁଦ୍ଧା ଗୁରୁତ୍ୱପୂର୍ଣ୍ଣ ଜଳଧାରା ଯୋଜନା କାର୍ଯ୍ୟକାରୀ କରିବା
  - ଇତିମଧ୍ୟରେ ବୈଷୟିକ ଓ ପ୍ରଶାସନିକ ମଞ୍ଜୁରୀ
  - ୨୦୦୭ ମସିହା ଅକ୍ଟୋବର ୨ ତାରିଖରେ ପ୍ରତି ଜିଲ୍ଲାରେ ଶହେଟି ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାର କାର୍ଯ୍ୟାରମ୍ଭ।
- ଆହ୍ୱାନ : ଜଳ ସଂରକ୍ଷଣ ବ୍ୟବସ୍ଥା ସହ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ତଥା ବିଦ୍ୟାଳୟ ଶୌଚାଳୟକୁ ଅବିରତ ଜଳଯୋଗାଣ





## ଜଳଧାରାର ସଫଳ ରୂପାୟନ ପାଇଁ ପଦକ୍ଷେପ

- **ପଞ୍ଚାୟତି ରାଜ ଅନୁଷ୍ଠାନର ଅଗ୍ରଣୀ ଭୂମିକା–**
  - ପଞ୍ଚାୟତର ସବୁଠୁ ବଡ଼ ଗ୍ରାମରେ ଗ୍ରାମ ପଞ୍ଚାୟତ ତରଫରୁ ଜଳ ଉତ୍ସକୁ ଚିହ୍ନଟ କରିବା ଏବଂ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାପାଇଁ ଦୃଢ଼ ନିଷ୍ପତ୍ତି ନେବା ।
  - ଗ୍ରାମ ପଞ୍ଚାୟତ ସମ୍ପୂର୍ଣ୍ଣ ପରିମଳ ଅଭିଯାନକୁ କାର୍ଯ୍ୟକାରୀ କରିବାପାଇଁ ସଂକଳ୍ପ କରିବା ।
  - ଗାଁରେ ଥିବା ସମସ୍ତ ଜଳ ଉତ୍ସ ଯଥା ନଳକୂପ, ପରିମଳ କୂପ ଏବଂ ପାଇପ ଯୋଗେ ଜଳଯୋଗାଣ ବ୍ୟବସ୍ଥା ପରିଚାଳନା ଓ ରକ୍ଷଣାବେକ୍ଷଣ ଗ୍ରାମ ପଞ୍ଚାୟତ ଗ୍ରହଣ କରିବା ।
- **ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଆଦର୍ଶ ଯୋଜନା ଓ ଆକଳନ ପ୍ରସ୍ତୁତି–**
  - ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥାର କନିଷ୍ଠ ଯନ୍ତ୍ରୀ ଜଳ ଉତ୍ସରୁ ଉପଲବ୍ଧ ଜଳର ପର୍ଯ୍ୟାପ୍ତି ତଥା ମାନ ବିଷୟରେ ପ୍ରମାଣପତ୍ର ପ୍ରଦାନ କରିବେ ।
  - ନିର୍ବାହୀ ଯନ୍ତ୍ରୀ ଗ୍ରାମ ପଞ୍ଚାୟତ / ପଞ୍ଚାୟତ ସମିତି/ ଜିଲ୍ଲା ପରିଷଦକୁ ଅନୁଦାନ ପାଇଁ ବିସ୍ତୃତ ପ୍ରକଳ୍ପ ପ୍ରସ୍ତାବନା ରିପୋର୍ଟ ପ୍ରଦାନ କରିବେ ।
- **ଜଳସମ୍ପଦ ବିଭାଗ**
  - ଯେଉଁଠାରେ ସମ୍ଭବ ପାଣି ପଞ୍ଚାୟତମାନେ ଉଠା ଜଳସେଚନ ପଏଣ୍ଟ ଗୁଡ଼ିକରୁ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ପଦକ୍ଷେପ ନେବେ ।
- **ଶକ୍ତି ବିଭାଗ– ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ**
  - ଜିଲ୍ଲା ବିଦ୍ୟୁତ ବିତରଣ କମ୍ପାନୀ ଗୁଡ଼ିକ ଫର୍ମ–୨୧ (ଗ) ଅନୁଯାୟୀ ଆକଳନର ମଞ୍ଜୁରୀ ପ୍ରଦାନରେ ସହଯୋଗ କରିବା ସହ ଦେୟ ପଇଠ କରିବା ସଙ୍ଗେ ସଙ୍ଗେ ବିଦ୍ୟୁତ ଯୋଗାଣ କରିବେ ।





## ଏହା ପରେ କଣ...

- ଜଳ ଯୋଗାଣ ବ୍ୟବସ୍ଥା ନଥିବା ଏବଂ ବିଦ୍ୟୁତ ଯୋଗାଣ ଥିବା ଗ୍ରାମପଞ୍ଚାୟତର ସ୍ଥିତି
- ବ୍ଲକ୍ ପିଛା ଏକ କୋଟି ଟଙ୍କା ହାରରେ ଗୁରୁତ୍ୱପୂର୍ଣ୍ଣ ଯୋଜନା
  - ଦୃଢ଼ ନିଷ୍ପତ୍ତି
  - ସର୍ଭେ ଓ ଅନୁସଂଧାନ
- ବ୍ୟାପକ ପ୍ରକଳ୍ପ ବିବରଣୀ (ଡ଼ି.ପି.ଆର୍) ଏବଂ ମୂଲ୍ୟ ଆକଳନ
- କାର୍ଯ୍ୟ ସମ୍ପାଦନ
- ବାହ୍ୟ ସୂତ୍ରରୁ ଏସ୍.ବି.ଡ଼ି. ପ୍ରଦାନ
  - ତ୍ୱରାନ୍ୱିତ ଗ୍ରାମୀଣ ଜଳ ଯୋଗାଣ କାର୍ଯ୍ୟକ୍ରମରୁ ଶତ ପ୍ରତିଶତ ସାମଗ୍ରୀ ସଂଗ୍ରହ
  - ଅନ୍ୟାନ୍ୟ ସୂତ୍ରରୁ ଶ୍ରମଦାନ ସଂଗ୍ରହ
  - (୨୧-ଗ) ଫର୍ମରେ ସମ୍ଭାବ୍ୟ ରିପୋର୍ଟ ପ୍ରଦାନ ଏବଂ ବିଦ୍ୟୁତ ସଂଯୋଗ

- ୨୦୦୭ ମସିହା ଅକ୍ଟୋବର ୨ ତାରିଖରେ ଜିଲ୍ଲାଓ୍ୱାରୀ ୧୦୦ଟି ଜଳଯୋଗାଣ ବ୍ୟବସ୍ଥାର ଆରମ୍ଭ
- ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକୁ ୧୧ମାସ ସମୟ ମଧ୍ୟରେ ସମ୍ପାଦନ
- ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଜିଲ୍ଲାର ସ୍ଥିତି
  - ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ
  - ବିଶୁଦ୍ଧ ପିଇବା ପାଣି
  - ପକ୍କା ଗ୍ରାମ ସଡ଼କ





# ଆବଶ୍ୟକୀୟ ବ୍ୟବସ୍ଥା ପାଇଁ କାର୍ଯ୍ୟକ୍ରମ

- ଓଭର୍ ହେଡ୍ ଟ୍ୟାଙ୍କ୍
  - ସାଧାରଣ ଆକୃତି ତଥା ଆକଳନ
    ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀଙ୍କ ସହ ଯେ କେହି କରିପାରିବେ କିନ୍ତୁ କନିଷ୍ଠ ଯନ୍ତ୍ରୀ ତଦାରଖ କରିବେ
- ପାଇପ୍ ସଂଗ୍ରହ : ତ୍ୱରାନ୍ୱିତ ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ
  - ବ୍ଲକ୍ ସ୍ତରୀୟ କମିଟି
  - ଇ.ପି.ଏମ୍ ଦରରେ ଉତ୍ପାଦକମାନଙ୍କ ଠାରୁ
  - ପରିବହନ ଖର୍ଚ୍ଚ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦର ଅନୁଯାୟୀ
- ପରିଚାଳନା ଓ ରକ୍ଷଣାବେକ୍ଷଣ : ଦ୍ୱାଦଶ ଅର୍ଥ କମିଶନ ଅନୁଦାନ
  - ବିଦ୍ୟୁତ ଦେୟ
  - ପମ୍ପ ଅପରେଟରର ଦରମା
  - ପରିଚାଳନା ଓ ରକ୍ଷଣାବେକ୍ଷଣ : ଦ୍ୱାଦଶ ଅର୍ଥ କମିଶନ ଅନୁଦାନ
- ବିଦ୍ୟୁତ ଶକ୍ତି – ରାଜୀବ ଗାଂଧୀ ଗ୍ରାମୀଣ ବିଦ୍ୟୁତ ଯୋଜନା, ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା
  - ପୁରାତନ ଦେୟ – ଆମେ ଦେଇ ପାରିବା କି ?
  - ଟ୍ରାନ୍ସଫଂରମର୍ ଏବଂ ଶକ୍ତି ଯୋଗାଣ- ଠିକ୍ ସମୟରେ ଉପଲବ୍ଧ ହେବ କି ?





# ଜଳଧାରା କାର୍ଯ୍ୟକାରୀ କରିବାରେ ପଦକ୍ଷେପ

- **ମୁଖ୍ୟ ପଦକ୍ଷେପମାନ :**

୧. ପ୍ରତି ପଞ୍ଚାୟତରୁ ଗୋଟିଏ ଗ୍ରାମ ଚିହ୍ନଟ

୨. **ଆକଳନ**

କ. ଓଭରହେଡ୍ ଟ୍ୟାଙ୍କ୍ ଓ ଅନ୍ୟାନ୍ୟ କାର୍ଯ୍ୟପାଇଁ ସାଧାରଣ ମାନର ବିସ୍ତୃତ ପରିକଳ୍ପନା ବିବରଣୀ ପ୍ରସ୍ତୁତି

ଖ. ନଳକୂପ, ଜଳସଂଗ୍ରହ କୂପ, ଉଠା ଜଳସେଚନ କୂପର ଉତ୍ସ ଇତ୍ୟାଦି

୩. **କାର୍ଯ୍ୟକାରୀତା**

କ. ଇ.ପି.ଏମ୍ ଦରରେ ପାଇପ ସଂଗ୍ରହ

ଖ. ୨୧-ଗ ଫର୍ମରେ ସମ୍ଭାବ୍ୟ ରିପୋର୍ଟ ପ୍ରଦାନ - ୬ ପ୍ରତିଶତ ଅର୍ଥ ପ୍ରଦାନ, ଏବଂ କାର୍ଯ୍ୟ ସମ୍ପାଦନ

୪. **ସମ୍ପାଦନ**

କ. ସାଧାରଣ ସର୍ବ ନିମ୍ନ ମୂଲ୍ୟରେ କାର୍ଯ୍ୟ ସମ୍ପାଦନ ପାଇଁ ଉପଯୁକ୍ତ ପ୍ରସ୍ତାବ ଉପସ୍ଥାପନ। (SBD)

ଖ. ୧୧ମାସ ସମୟର କାର୍ଯ୍ୟ ଖସଡ଼ା

ଗ. କମ୍ପୁଟର ମାଧମରେ କାର୍ଯ୍ୟର ଅଗ୍ରଗତି ସମୀକ୍ଷା।

- ସମୟ

୧. ଏକ ଦିନ

୨. ୩୦ ଦିନ

୩. ୬୦ ଦିନ

୪. ୧୮୦ ଦିନ

୫. ସମୁଦାୟ ୧୮୧ ଦିନ

୬. ସମସ୍ତଙ୍କଠୁ ଅପାରଗ କର୍ମକର୍ତ୍ତା ପ୍ରାୟ ୧୦୦ ଦିନ ଅଧିକ ସମୟ ନେଲେ ୨୮୧ ଦିନରେ କାର୍ଯ୍ୟ ସମାପ୍ତ






For details log on to

http://www.orissa.gov.in/website/programmes/jaldhara.htm